To ensure your copy call 9861954260
www.thesakala.com
twitter.com/thesakala
facebook.com/sakala
thesakal0@gmail.com,thesakala@hotmail.com

# ସକାଳ

THE SAKALA

ପ୍ରତିଷ୍ଠାତା: ହୃଦାନନ୍ଦ ମଲ୍ଲିକ

## ତେଲେଙ୍ଗାନାରେ ଟିଆର୍‌ଏସ୍ ସହ ମେଣ୍ଟ କରିବ ନାହିଁ ବିଜେପି



R.N.I. No.-42041/83 Vol-16, Issue No.82, ଭଦ୍ରକ, ସୋମବାର, ୧୭, ସେପ୍ଟେମ୍ବର ୨୦୧୮ ■ Bhadrak, Monday, 17 September 2018 Rs. 2.00 Pages-8

# ପ୍ରାର୍ଥୀଙ୍କ ନିଦ ହଜିଯିବ !

## ନିର୍ବାଚନ ଆଚରଣ ବିଧି କଡ଼ାକଡ଼ି



ନୂଆଦିଲ୍ଲୀ, ୧୬।୯ : ନିର୍ବାଚନ ଆଚରଣ ବିଧି ଏବେ ପୂର୍ବାପେକ୍ଷା ଅଧିକ କଡ଼ାକଡ଼ି କରିଦିଆଯାଇଛି । ଏହାକୁ ଶୁଣିବା ପରେ ପ୍ରାର୍ଥୀଙ୍କ ନିଦ ହଜିଯିବନି ତ ...? ନିର୍ବାଚନ ଆଚରଣ ବିଧି ଲାଗୁ ହେବାମାତ୍ରେ ଅର୍ଥାତ୍ ପ୍ରଚାର ଅଭିଯାନ ଥମିବା ପରେ ରାତିରେ ପ୍ରାର୍ଥୀମାନେ ଆଉ ଫୋନ୍ କଲ, ଏସ୍‌ଏମ୍‌ଏସ୍ କିମ୍ବା ହ୍ୱାଟ୍ସଅପ୍ ମେସେଜ୍ ଜରିଆରେ ଭୋଟ୍ ଦେବା ପାଇଁ ଅପିଲ୍ କରିପାରିବେ ନାହିଁ । ନିର୍ବାଚନ ଆୟୋଗ ଏହି ସନ୍ଦର୍ଭରେ ସଂଶୋଧିତ ଆଇନ୍ ପ୍ରଣୟନ କରି ଭବିଷ୍ୟତରେ ହେବାକୁ ଥିବା ନିର୍ବାଚନ ପାଇଁ ଏଭଳି ପ୍ରତିବନ୍ଧକ ଲଗାଇଛନ୍ତି । ଏହି ପରିପ୍ରେକ୍ଷୀରେ ନିର୍ବାଚନ ଆଚାରଣ ବିଧି ଲାଗୁ ହେବା ପରେ ପ୍ରତିଦିନ ରାତି ୧୦ଟାରୁ ସକାଳ ୬ଟା ପର୍ଯ୍ୟନ୍ତ ଏହି ଅବଧି ସାମିଲ ରହିଛି ଯେଉଁ ସମୟରେ ନିର୍ବାଚନ ପ୍ରଚାର ସଂପୂର୍ଣ୍ଣ ନିଷିଦ୍ଧ । ନିର୍ବାଚନ ଆୟୋଗଙ୍କ ସଚିବ ଏନ୍ ଟି ଭୁଟିଆ ନିକଟରେ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଜାରି ନିର୍ଦ୍ଦେଶ ଉପରେ ସ୍ପଷ୍ଟୀକରଣ ଦେଇଛନ୍ତି । ବର୍ତ୍ତମାନର ବ୍ୟବସ୍ଥାରେ ପ୍ରାର୍ଥୀମାନେ ନିର୍ବାଚନ ଆଚରଣ ବିଧି ଲାଗୁ ହେବା ପରେ ଦିନରେ ସମ୍ବାଦ ଏବଂ ସଂଚାରର ସମସ୍ତ ମାଧ୍ୟମରେ ପ୍ରଚାର ଅଭିଯାନ ଚଳାଇଥାନ୍ତି । ପ୍ରଚଳିତ ନିୟମ ଅନୁସାରେ ପ୍ରାର୍ଥୀମାନେ ରାତିରେ ଲାଉଡ୍‌ସ୍ପିକର କିମ୍ବା ସଭା ସମିତି ଆୟୋଜନ କରି ପ୍ରଚାର କରିବାର ନିୟମ ନାହିଁ । ପରନ୍ତୁ ଏହି ସମୟ ମଧ୍ୟରେ ପ୍ରାର୍ଥୀମାନେ ଘର ଘର ବୁଲିବା, ଫୋନ୍ କଲ ତଥା ଏସ୍‌ଏମ୍‌ଏସ୍‌କୁ ପ୍ରଚାରର ମାଧ୍ୟମ କରିଥାନ୍ତି । ତେବେ ନିର୍ବାଚନ ଆୟୋଗଙ୍କ ଏହି କଟକଣା ପରେ ଏବେ ଫୋନ୍‌କଲ, ଏସ୍‌ଏମ୍‌ଏସ୍ ଏବଂ ହ୍ୱାଟ୍ସଅପ୍ ତଥା ପ୍ରାର୍ଥୀଙ୍କ ଘରଘର ବୁଲିବା ଉପରେ ଅଙ୍କୁଶ ଲାଗିଯାଇଛି । ଏହାକୁ ଅମାନ୍ୟ କଲେ ପ୍ରାର୍ଥୀମାନଙ୍କ ଉପରେ ତତ୍କାଳ କାର୍ଯ୍ୟାନୁଷ୍ଠାନ ନିଆଯିବ । ଆୟୋଗଙ୍କ ଦ୍ୱାରା ଏଭଳି ନିୟମ କରିବା ପଛରେ ନାଗରିକଙ୍କ ନିଜସ୍ୱ ସମ୍ମାନ ତଥା ସାମାନ୍ୟ ଜନଜୀବନରେ ଆଶାନ୍ତି ଏବଂ ବ୍ୟବଧାନକୁ ରୋକିବା ମୁଖ୍ୟ କାରଣ ବୋଲି ଦର୍ଶାଯାଇଛି । ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିକ୍ରମେ ନିର୍ବାଚନ ସଂସ୍କାର ପାଇଁ ଭାରତୀୟ ନିର୍ବାଚନ କମିସନ **(ପୃଷ୍ଠା-୭)**



ଦକ୍ଷିଣ ଚୀନ ଉପକୂଳରେ ମାଡ ହେଲା ମହାବାତ୍ୟା ମାଙ୍ଖୁଟ

## ବିଷ୍ଣୁ ଗୌଡ଼ଙ୍କ ହତ୍ୟାକାରୀ ଡାକ୍ତର ରାଜଧାନୀରୁ ଗିରଫ

ଗଞ୍ଜାମ, ୧୬।୯ (ସକାଳ ଖବର): ବ୍ରହ୍ମପୁରରେ ସଂଗଠିତ ହୋଇ ପ୍ରୋଫାଇଲ ଏଚଡିଏଫସି ବ୍ୟାଙ୍କ ଏଜେଂଟ ବିଷ୍ଣୁ ଗୌଡ଼ ହତ୍ୟାକାଣ୍ଡର ମୁଖ୍ୟ ଆସାମୀ ଡାକ୍ତର ହୃଷିକେଶ ତ୍ରିପାଠୀଙ୍କୁ ବ୍ରହ୍ମପୁର ପୋଲିସ ଗିରଫ କରିସାରିଛି। ଆଜି ସନ୍ଧ୍ୟାସୁଦ୍ଧା ତାଙ୍କୁ ବ୍ରହ୍ମପୁର ଅଣାଯିବ, ଡାକ୍ତରଙ୍କ ଗିରଫଦାରୀ ପରେ ହତ୍ୟାକାଣ୍ଡର ଅସଲ ରହସ୍ୟ ଏବଂ ଘଟଣାସହ ଆଉ କେଉଁମାନେ ସଂପୃକ୍ତ ତାହା ମଧ୍ୟ ଉଦଘାଟିତ ହୋଇପାରିବ ବୋଲି ପୁଲିସ

### ଡାକ୍ତରଙ୍କ ସମସ୍ତ ବ୍ୟାଙ୍କ ଆକାଉଣ୍ଟ ସିଲ୍

କହିଛି। ଏ ମଧ୍ୟରେ ପୁଲିସ ଡାକ୍ତରଙ୍କ ସମସ୍ତ ବ୍ୟାଙ୍କ ଏକାଉଂଟ ସିଲ୍ କରିସାରିଛି। ଗତ ୧୯ ତାରିଖରେ ବିଷ୍ଣୁ ପ୍ରସାଦ ଗୌଡ଼ଙ୍କୁ ଡାକ୍ତରଙ୍କ କ୍ଲିନିକରେ ହତ୍ୟାକରି ତିନିଗଡ଼ କରି ବଡ଼ଗୁମୁଳାର ଏକ ପରିତ୍ୟକ୍ତ ଘରେ ନିକ୍ଷେପ କରିଥିଲେ। ଏହି କାର୍ଯ୍ୟରେ ମାଳି ଗଙ୍ଗା ବେହେରା ସହଯୋଗ କରିବା ଅଭିଯୋଗରେ ଜେଲ୍ ଯାଇଛନ୍ତି। ଏ ଘଟଣାରେ ସମ୍ପୃକ୍ତ ଥିବା ପୁଲିସ ଅନୁମାନ କରୁଥିଲେ ମଧ୍ୟ ତାକୁ ପଚରା ଉଚୁରା କରି କୌଣସି ହତ୍ୟାକାଣ୍ଡ ସୁରାକ ପାଉନାହିଁ। ପୁଲିସକୁ ନର୍ସ ସହଯୋଗ କରୁନଥିବା ଜଣାପଡ଼ିଛି। ତେବେ ଡାକ୍ତରଙ୍କ ଗିରଫ ପରେ ସମସ୍ତ ରୋଚକ ତଥ୍ୟ ସାଧାରଣଙ୍କୁ ଆସିବା ଆଶା କରାଯାଉଛି।

## ବାଣପୁର ଡାକ୍ତରଖାନା ପାଲଟିଲା ରଣକ୍ଷେତ୍ର



ଖୋର୍ଦ୍ଧା, ୧୬।୯ (ସକାଳ ଖବର): ରବିବାର ଖୋର୍ଦ୍ଧା ଜିଲ୍ଲା ବାଣପୁର ସରକାରୀ ଡାକ୍ତରଖାନାରେ ଏକ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି । ଉତ୍ୟକ୍ତ ଲୋକେ ଗୋଡାଇ ଗୋଡାଇ କର୍ତ୍ତବ୍ୟରତ ଦୁଇଜଣ ଡାକ୍ତରଙ୍କୁ ମାଡ ମାରିଥିବା ଅଭିଯୋଗ ହୋଇଛି । ସୂଚନାଯୋଗ୍ୟ ବାଣପୁର ଥାନା ନିକଟ ଖୁଣ୍ଟପଲ୍ଲି ଗ୍ରାମର ନାରାୟଣ ସାହୁଙ୍କ ପୁଅ ପ୍ରଶାନ୍ତ ସାହୁ(୨୨) ଘରେ ବିଦ୍ୟୁତ କାମ କରୁଥିବା ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଲାଗି ଟଳି ପଡିଥିଲେ । ଆଜି ସକାଳ ପ୍ରାୟ ୮ ଟାରେ ଏହି ଘଟଣା ଘଟିବା ପରେ ପରିବାର ଲୋକେ ପ୍ରଶାନ୍ତଙ୍କୁ ବାଣପୁର

### ଯୁବକଙ୍କ ମୃତ୍ୟୁ ଘଟିଛି କହିବାରୁ ଦୁଇ ଡାକ୍ତରଙ୍କୁ ପିଟିଲେ ଲୋକେ

ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ସେଠାରେ ଡ୍ୟୁଟିରେ ଥିବା ଭେଷଜ ବିଭାଗ ଡାକ୍ତର ନିରାକାର ପାଲ, ପ୍ରଶାନ୍ତଙ୍କର ବିଭିନ୍ନ ପରୀକ୍ଷା ଦ୍ୱାରା ମୃତ ଘଟିଥିବା ପରିବାର ଓ ସମ୍ପର୍କୀୟଙ୍କୁ କହିଥିଲେ । ତେବେ ପରିବାର ଲୋକ ତାଙ୍କ ପିଲା ବଞ୍ଚିଛି କହି ପୁଣି ଚିକିତ୍ସା କରିବା ନିମନ୍ତେ ଡାକ୍ତରଙ୍କୁ ବାଧ୍ୟ କରିବା ସହ ତାଙ୍କ ପିଲା ବଞ୍ଚିଥିବା କହିଥିଲେ । ପୁର୍ନବାର ଡାକ୍ତର ଜଣଙ୍କ ପ୍ରଶାନ୍ତଙ୍କର ମୃତ ଘଟିଥିବା କହିଥିଲେ । ତେବେ ଏହାକୁ ସଂପର୍କୀୟ ଓ ଗ୍ରାମବାସୀ ନ ମାନି ତାଙ୍କ ପିଲା ବଞ୍ଚିଛି ଓ ଡାକ୍ତର ଅବହେଳା କରୁଛନ୍ତି କହି ଚିକିତ୍ସା କରୁଥିବା ଡାକ୍ତର ନିରାକାର ପାଲ ଓ ଏମ୍.ବି.ବି.ଏସ୍ ଦିବାକର ମଲ୍ଲିକଙ୍କୁ ମେଡାକାଲ କ୍ୟାମ୍ପସ ଭିତରେ ଗୋଡାଇ ଗୋଡାଇ ପିଟିଥିଲେ । ଏହାକୁ ନେଇ ଡାକ୍ତରଖାନା କର୍ମଚାରୀଙ୍କ ସମେତ **(ପୃଷ୍ଠା-୭)**

# ତେଲ କଲାଣି କଲବଲ

- ରେକର୍ଡ ସ୍ତରରେ ପେଟ୍ରୋଲ ଓ ଡିଜେଲ ଦର
- ଭାଟ୍ କମାଇବା ରାଜ୍ୟର ଦାୟିତ୍ୱ : ଧର୍ମେନ୍ଦ୍ର
- ରାଜ୍ୟ ସରକାରଙ୍କ ଉପରେ ଦାୟିତ୍ୱ ଖସାଉଛି କେନ୍ଦ୍ର : ଶଶି ଭୂଷଣ



ଭୁବନେଶ୍ୱର, ୧୬।୯ (ସକାଳ ଖବର): ତେଲ କଲାଣି କଲବଲ । ୧୦୦ ଛୁଇଁବାକୁ ଆଉ ବାକି ରହିଲା ୧୫ ଟଙ୍କା । ବେଲଗାମ ତୈଳଦର ଏବେ ଜନସାଧାରଣଙ୍କୁ ଅସ୍ତବ୍ୟସ୍ତ କରିପକାଇଲାଣି । ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ଏବେ ରେକର୍ଡ ସ୍ତରରେ ପହଞ୍ଚିଛି । ଆଜି ରାଜ୍ୟରେ ପେଟ୍ରୋଲ ଦର ସର୍ବାଧିକ ୮୫ ଟଙ୍କା ୬ ପଇସା ରହିଛି । ମାଲକାନିଗିର ଜିଲ୍ଲା ଉପାନ୍ତ ଅଞ୍ଚଳ କାଲିମେଳାରେ ସର୍ବାଧିକ ଦର ରହିଛି । ପେଟ୍ରୋଲ ଲିଟର ପିଛା ୮୫ ଟଙ୍କା ୦୬ ପଇସା ଓ ଡିଜେଲ ୮୩ ଟଙ୍କା ୪୧ ପଇସା ରହିଛି । ମାଲକାନଗିରିରେ ୮୪ ଟଙ୍କା ୫୭ ପଇସା ଥିବା ବେଳେ ଡିଜେଲ ଦର ରହିଛି ୮୨ ଟଙ୍କା ୯୩ ପଇସା । ସେହିଭଳି ନବରଙ୍ଗପୁରରେ ପେଟ୍ରୋଲ ଦର ୮୪ ଟଙ୍କା ୧୬ ପଇସାରେ ପହଞ୍ଚିଥିବା ବେଳେ ଡିଜେଲ ଦର ୮୨ ଟଙ୍କା ୫୨ ପଇସା ରହିଛି । ଜୟପୁରରେ ପେଟ୍ରୋଲ ଲିଟର ୮୩ ଟଙ୍କା ୯୨ ପଇସା ଓ ଡିଜେଲ ୮୨ ଟଙ୍କା ୨୮ ପଇସାରେ ବିକ୍ରି ହେଉଛି । ସେହିପରି ପୁରୀରେ ପେଟ୍ରୋଲ ଦର ୮୦ ଟଙ୍କା ୯୨ ପଇସା ଥିବା ବେଳେ ଡିଜେଲ ୭୯ ଟଙ୍କା ୩୨ ପଇସାରେ ପହଞ୍ଚିଛି । ସମ୍ବଲପୁରରେ ମଧ୍ୟ ପେଟ୍ରୋଲ ଦର ୮୧ ଟଙ୍କା ୩୭ ପଇସା ଓ ଡିଜେଲ ୭୯ ଟଙ୍କା ୭୪ ପଇସା ରହିଛି । ତେବେ ଏସବୁ ଭିତରେ ପେଟ୍ରୋଲ ଓ ଡିଜେଲ ଦର କାହିଁକି ବୃଦ୍ଧି ହେଉଛି ତାହାର କାରଣ ବଖାଣିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଅନ୍ତରାଷ୍ଟ୍ରୀୟ ବଜାର ଯୋଗୁଁ ତୈଳ ଦର ବୃଦ୍ଧି ହେଉଛି । ଏହାସହ ତୈଳଦର ବୃଦ୍ଧିକୁ ନେଇ ରାଜ୍ୟ ସରକାରଙ୍କୁ ସେ ଟାର୍ଗେଟ୍ କରିଛନ୍ତି । ଅନ୍ୟ ରାଜ୍ୟ ଭାଟ୍ କମ୍ କଲେଣି, ଓଡିଶା ସରକାର ଭାଟ୍ କମାନ୍ତୁ ବୋଲି ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ଅକ୍ଟୋବରରେ କେନ୍ଦ୍ର ସରକାର ଉତ୍ପାଦ ଶୁଳ୍କ କମାଇଛନ୍ତି । ପୂର୍ବରୁ ୩ ହଜାର କୋଟି ଏବେ ୭ ହଜାର କୋଟି ରାଜସ୍ୱ ପାଇଲେଣି ରାଜ୍ୟ ସରକାର । ଭାଟ୍ କମାଇବା ରାଜ୍ୟର ବଡ ଦାୟିତ୍ୱ ବୋଲି କେନ୍ଦ୍ର ମନ୍ତ୍ରୀ କହିଛନ୍ତି । ଅନ୍ୟପକ୍ଷରେ ତୈଳର ବେସ୍ ପ୍ରାଇସ୍ କେନ୍ଦ୍ରର ନିୟନ୍ତ୍ରଣାଧୀନ। **(ପୃଷ୍ଠା-୭)**

## ଭକ୍ତଙ୍କୁ ଦୁର୍ବ୍ୟବହାର ଅଭିଯୋଗ : ୩ ସେବାୟତ ଗିରଫ

ପୁରୀ, ୧୬।୯ (ସକାଳ ଖବର): ଭକ୍ତଙ୍କୁ ଦୁର୍ବ୍ୟବହାର ଅଭିଯୋଗରେ ତିନି ଜଣ ସେବାୟତଙ୍କୁ ପୋଲିସ ଗିରଫ କରିଛି । ସୂଚନା ଅନୁଯାୟୀ, କାକଟପୁର ମଙ୍ଗଳା ମନ୍ଦିରରେ ଭକ୍ତଙ୍କୁ ଦୁର୍ବ୍ୟବହାର କରିବା ଅଭିଯୋଗରେ ତିନି ଜଣ ସେବାୟତଙ୍କୁ ପୋଲିସ ଗିରଫ କରିଛି । ଏନେଇ ଶ୍ରଦ୍ଧାଳୁଙ୍କ ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା । ଅଭିଯୋଗକୁ ଭିତି କରି ପୋଲିସ ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଥିଲା ।

## ୨୦ରେ ପୁରୀ ଆସିବେ ଆମିକସ କ୍ୟୁରି

ପୁରୀ, ୧୬।୯ (ସକାଳ ଖବର): ଶ୍ରୀମନ୍ଦିର ପରିଚାଳନାରେ ସଂସ୍କାର ଆଣିବା ପାଇଁ ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ଆମିକସ କ୍ୟୁରି ଆସନ୍ତା ୨୦ ରେ ପୁରୀ ଆସିବେ । ୨୧ ଓ ୨୨ ତାରିଖରେ ଶ୍ରୀମନ୍ଦିର ସଂସ୍କାର ନେଇ ଆଲୋଚନା କରିବେ । ସୁପ୍ରିମକୋର୍ଟଙ୍କ ୧୨ ଟି ପ୍ରସ୍ତାବ ଉପରେ ଆମିକସ କ୍ୟୁରି କମିଟି ଶଙ୍କରାଚାର୍ଯ୍ୟ, ଗଜପତି, ଜିଲ୍ଲା ଜଜ୍, ଶ୍ରୀମନ୍ଦିର ପ୍ରଶାସନ ଓ ଛତିଶା ନିଯୋଗ **(ପୃଷ୍ଠା-୭)**



**କାହାପ୍ରତି ଈର୍ଷା, ଦ୍ୱେଷ ଏବଂ ପ୍ରତିଶୋଧ ଭାବ ରଖନ୍ତୁ ନାହିଁ । ଭଗବାନ ସ୍ୱୟଂ ତୁମକୁ ରକ୍ଷା କରିବେ ।**



**ହୁଣ୍ଡିର ଆୟ (୨୫.୮.୧୮)**
**୨,୪୨,୪୧୪**

## ବଜ୍ରପାତରେ ଦୁଇ ମୃତ, ଜଣେ ଗୁରୁତର

ବଲାଙ୍ଗୀର, ୧୬।୯ (ସକାଳ ଖବର): ବଜ୍ରପାତରେ ଦୁଇଜଣଙ୍କର ମୃତ୍ୟୁ ଘଟିଥିଲା ବେଳେ ଜଣେ ଗୁରୁତର ହୋଇଛନ୍ତି । ଘଟଣା ଘଟିଛି ଟିଟିଲାଗଡ଼ ମାଥନପଲା ପ୍ରୋଜେକ୍ଟ ନିକଟରେ । ଖବର ନେବାରେ ଜଣାଯାଏ ଯେ, କଳାହାଣ୍ଡି ରାମପୁର ଅଂଚଳରୁ କିଛି ଯୁବକ ବଣଭୋଜି କରିବାପାଇଁ ଟିଟିଲାଗଡ଼ ମାଥନପଲା ପ୍ରୋଜେକ୍ଟକୁ ଯାଇଥିଲେ । ସେଠାରେ ବଣଭୋଜି ବେଳେ ବଜ୍ରପାତ ଘଟି ଘଟଣାସ୍ଥଳରେ ଦୁଇଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି । ମୃତକଙ୍କ ମଧ୍ୟରେ ଜଣେ ସିଆରପିଏଫ୍ ଯବାନ ଥିବା ସୂଚନା ମିଳିଛି ।

## ପୋଖରୀରେ ବୁଡି ଛାତ୍ରଙ୍କ ମୃତ୍ୟୁ

ଦେବଗଡ଼, ୧୬।୯ (ସକାଳ ଖବର): ଗଣେଶ ମୂର୍ତ୍ତି ବିସର୍ଜନ ବେଳେ ପୋଖରୀରେ ବୁଡି ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି । ଦେଓଗଡ଼ ବାରକୋଟ ଝରବାହାଲ ଆଶ୍ରମ ସ୍କୁଲରେ ଘଟିଯାଇଛି ଏଭଳି ଏକ ଦୁଃଖଦ ଘଟଣା । ମୃତ ଛାତ୍ରଙ୍କ ନାମ ଘନଶ୍ୟାମ ସାହୁ । ସୂଚନା ଅନୁଯାୟୀ, ଆଜି ପୂର୍ବାହ୍ନରେ ଆଶ୍ରମ ସ୍କୁଲର ଗଣେଶ ମୂର୍ତ୍ତି ବିସର୍ଜନ କରିବାକୁ ଶିକ୍ଷକଙ୍କ **(ପୃଷ୍ଠା-୭)**



ଜେଏନ୍‌ୟୁରେ ଉଡ଼ିଲା ଲାଲ ପତାକା, ସବୁ ଆସନରେ ଜିତିଲା ବାମଦଳ ସମର୍ଥକ ଛାତ୍ର ସଂଗଠନ

## ସୁନ୍ଦରୀ ଯିବ ଘଞ୍ଚ ଜଙ୍ଗଲ

### ୨୪ ଘଣ୍ଟିଆ ନଜର ରଖିଛି କେନ୍ଦ୍ରୀୟ ଟିମ୍

ଭୁବନେଶ୍ୱର, ୧୬।୯ (ସକାଳ ଖବର):ସାତକୋଶିଆ ଅଂଚଳରେ ଆତଙ୍କ ଖେଳାଇଥିବା ବାଘୁଣୀ ସୁନ୍ଦରୀ ଏବେ ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପ ଆଠମଲ୍ଲିକ ବନଖଣ୍ଡ ଭିତରେ ବୁଲୁଛି । ସୁନ୍ଦରୀ ଉପରେ ବନ ବିଭାଗ ଓ ଡବ୍ଲୁଆଇଆଇ ଟିମ୍ ୨୪ ଘଂଟିଆ ନଜର ରଖିଛି । ମଣିଷ ମାରିଥିବା ସୁନ୍ଦରୀ ଆହୁରି ଭୟଙ୍କର ହୋଇଉଠିଛି । ପରେ ଜଙ୍ଗଲରେ ଗାଇ, ଗୋରୁ ଓ ଛେଳିକୁ ମଧ୍ୟ ମାରିଥିଲା । ବର୍ତ୍ତମାନ ହାତୀଧରା ଜଙ୍ଗଲରେ ସୁନ୍ଦରୀ ବୁଲାବୁଲି କରୁଛି । ସୁନ୍ଦରୀ ମଧ୍ୟପ୍ରଦେଶକୁ ଫେରିଯିବା ଘଟଣା ଏ ପର୍ଯ୍ୟନ୍ତ କିଛି ଚୂଡ଼ାନ୍ତ ହୋଇନାହିଁ । ଲୋକଙ୍କ କ୍ରୋଧ ଶାନ୍ତ କରିବାକୁ ଆଜି ଏକ ବୈଠକ ବସିବାକୁ ନିଷ୍ପତି ହୋଇଛି । ଏଥିରେ ଜିଲ୍ଲାପାଳ, ଏସ.ପି., ଡି.ଏଫ.ଓ ଓ ସ୍ଥାନୀୟ ଲୋକଙ୍କ ଦ୍ୱାରା ବୈଠକ ବସିବ ବୋଲି ଆଡ଼ିସନାଲ ପି.ସି.ସି.ଏଫ୍ ସୁଦର୍ଶନ ପଣ୍ଡା ସୂଚନା ଦେଇଛନ୍ତି । ସେ ଅଂଚଳର ଗ୍ରାମବାସୀମାନେ ସଞ୍ଜ ନଇଁଲେ ତାଟିକବାଟ ପକାଇ ଦେଉଛନ୍ତି । ଭୟରେ କେହି ପଦାକୁ ବାହାରୁ ନାହାନ୍ତି ।

## ପାଲଲହଡାର ବିସ୍ଥାପିତଙ୍କୁ ୧୦ ଲକ୍ଷ ଟଙ୍କାର କ୍ଷତିପୂରଣ ଦେବାକୁ ଏନଏଚଆରସିଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, ୧୬।୯ (ସକାଳ ଖବର): ଅନୁଗୁଳ ଜିଲ୍ଲା ପାଲଲହଡା ତହସିଲର ଖମାର ପୋଲିସ୍ ଥାନା ଅନ୍ତର୍ଗତ ସାନ୍ଧା , ବାଙ୍କୁଳି, ହେଂସାଳ ,ମଗରମନା ଓ ଜଗନ୍ନାଥପୁର ଅଂଚଳରେ ଥିବା ଜଙ୍ଗଲ ଜମିରେ ବର୍ଷ ବର୍ଷ ଧରି ବସବାସ କରିଆସୁଥିବା ବାବୁଲି ସାହୁ, ଚନ୍ଦ୍ରଧର ସାହୁଙ୍କ ସମେତ ୫୦ ଜଣ ଗ୍ରାମବାସୀଙ୍କୁ ପରିବାର ସହିତ ବେଆଇନ୍ ଭାବେ ଉଚ୍ଛେଦ କରାଯାଇଛି। ରାଜନୈତିକ ଚାପରେ ପୋଲିସ୍ ଓ ସ୍ଥାନୀୟ ପ୍ରଶାସନ ଏହି ଉଚ୍ଛେଦ କରିଛନ୍ତି। ଅନ୍ୟପକ୍ଷରେ ସେହି ଅଂଚଳର ଆଉ କିଛି ଲୋକ ସେହି ସମାନ ଜାଗାରେ ଇନ୍ଦିରା ଆବାସ ସହ ପାଣି ଓ ବିଦ୍ୟୁତ୍ ସଂଯୋଗ ମଧ୍ୟ ପାଇଛନ୍ତି। ବର୍ତ୍ତମାନ ବର୍ଷା ସମୟରେ ଉଚ୍ଛେଦ ହୋଇଥିବା ପରିବାର ଖୋଲା ଆକାଶ ତଳେ ଦିନ କଟାଉଛନ୍ତି। ଏସମ୍ପର୍କରେ ହ୍ୟୁମାନ୍ ରାଇଟସ୍ ୱାଚ୍‌ର ସମ୍ପାଦିକା ସଂଗୀତା ସ୍ୱାଇଁ ଗତ ଅଗଷ୍ଟ ୧୬ ତାରିଖରେ ଜାତୀୟ ମାନବାଧିକାର କମିଶନଙ୍କ ନିକଟରେ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗ ଉପରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ସେସମ୍ପର୍କରେ ଜଣାଇବା ପାଇଁ ଏନଏଚଆରସି ଗତ ୧୩ ତାରିଖ ଦିନ ଓଡିଶା ମାନବିକ ଅଧିକାର କମିଶନଙ୍କ ନିକଟକୁ ଚିଠି ଲେଖିଛନ୍ତି।ଶ୍ରୀମତୀ ସ୍ୱାଇଁ ଅଭିଯୋଗ ଫର୍ଦ୍ଦରେ ସମ୍ପୃକ୍ତ ପ୍ରଶାସନିକ ଅଧିକାରୀ ଓ ପୋଲିସ୍ ଅଧିକାରୀଙ୍କ ବିରୁଦ୍ଧରେ ଫୌଜଦାରୀ ମାମଲା ରୁଜୁ କରିବା ସହ ଜଙ୍ଗଲ ଅଧିକାର ଆଇନ୍ ଅନୁଯାୟୀ ପୀଡିତ ମାନଙ୍କୁ କ୍ଷତିପୂରଣ ବାବଦରେ ୧୦ ଲକ୍ଷ ଟଙ୍କା ଓ ଜମି ଯୋଗାଇ ଦେବାକୁ ଦାବି କରିଛନ୍ତି।

Printed by Amit Kumar Mallick, Published by Amit Kumar Mallick & Owned by Amit Kumar Mallick, At-Apartibindha, Bhadrak, Pin-756100, Printed at Press Mahesh Printing Press, 30 Industrial Colony, Kharavela Nagar, Bhubaneswar, Pin-751001, (O), E-mail address : thesakala@hotmail.com, thesakal0@gmail.com

**Editor - Amit Kumar Mallick**